ଓଡ଼ିଶା ସରକାର

# ଓଡ଼ିଶା ବିଧାନ ସଭାରେ
# 1989-90 ମସିହାର ବଜେଟ
# ଉପସ୍ଥାପନ କରି
# ଅର୍ଥ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ
# ଅଭିଭାଷଣ

ଫେବୃୟାରୀ 27, 1989

ଓଡ଼ିଶା ବିଧାନ ସଭାରେ
**1989-90 ମସିହାର ବଜେଟ୍ ଉପସ୍ଥାପନ କରି**
**ଅର୍ଥ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ଅଭିଭାଷଣ**

ଅଧ୍ୟକ୍ଷ ମହୋଦୟ,

ମୁଁ ଏହି ମହନୀୟ ଗୃହରେ ୧୯୮୯-୯୦ ବର୍ଷ ପାଇଁ ବାର୍ଷିକ ଆର୍ଥିକ ବିବରଣୀ ଓ ବଜେଟ୍ ସମ୍ପର୍କୀୟ ଅନ୍ୟାନ୍ୟ କାଗଜପତ୍ର ଉପସ୍ଥାପନ କରୁଅଛି ।

**2.** ଗତ ବର୍ଷ ୧୯୮୮-୮୯ ମସିହାର ବଜେଟ୍ ଉପସ୍ଥାପନ କରିବା ସମୟରେ ୧୯୮୭-୮୮ ବର୍ଷରେ ଆମ ରାଜ୍ୟର ଅର୍ଥନୈତିକ ଅବସ୍ଥା କିପରି ବାଧାପ୍ରାପ୍ତ ହୋଇଥିଲା, ସେ ବିଷୟରେ ମୁଁ ଗୃହକୁ ମୋଟାମୋଟି ଭାବରେ ସୂଚନା ଦେଇଥିଲି । ବର୍ତ୍ତମାନ ପ୍ରସ୍ତୁତ ହୋଇଥିବା ହିସାବରୁ ଯାହା ଜଣାଯାଉଛି, ୧୯୮୭-୮୮ ଆର୍ଥିକ ବର୍ଷରେ ଆମ ରାଜ୍ୟର ଖାଦ୍ୟଶସ୍ୟ ଉତ୍ପାଦନ କମି ଯାଇଥିଲା ଓ ରାଜ୍ୟର ମୋଟ୍ ଆୟ (**S. D. P. at current prices**)ରେ ମଧ୍ୟ ଅବନତି ଘଟିଥିଲା । ଏହା 5,୮୭୪ କୋଟି ୯୪ ଲକ୍ଷ ଟଙ୍କା ହୋଇଥିବାର ହିସାବ କରାଯାଇଅଛି । ୧୯୮୭-୮୮ରେ ହୋଇଥିବା ମରୁଡ଼ି ଚଳିତ ଶତାବ୍ଦିରେ ହୋଇଥିବା ଯେ କୌଣସି ମରୁଡ଼ିଠାରୁ ଅଧିକ ବ୍ୟାପକ ବୋଲି କୁହାଯାଉଛି । ଏହା ଆମ ରାଜ୍ୟର ସାମୁହିକ ଆର୍ଥିକ ସ୍ଥିତିକୁ ଦୁର୍ବଳ କରିବା ସଙ୍ଗେ ସଙ୍ଗେ ସରକାରଙ୍କ ସମ୍ବଳ ସଂଗ୍ରହ ବ୍ୟବସ୍ଥାଗୁଡ଼ିକୁ ମଧ୍ୟ ବିଶେଷ ପ୍ରଭାବିତ କରିଥିଲା । ୧୯୮୭-୮୮ ଆର୍ଥିକ ବର୍ଷର ସଂଶୋଧିତ ବଜେଟ୍ ଅଟକଳରେ ଯେଉଁ ସବୁ ଆୟ ଓ ଆଦାୟ ଆଶା କରାଯାଇଥିଲା ତାହା ପୂର୍ଣ୍ଣ ମାତ୍ରାରେ ହୋଇ ନ ପାରିବାରୁ ବର୍ଷର ନିଟ୍ ହିସାବରେ ଅଧିକ ଅବନତି ଘଟି ବର୍ଷ ଶେଷର ଅନୁମିତ ବଜେଟ୍ ନିଅଣ୍ଟ 61 କୋଟି ୮2 ଲକ୍ଷ ଟଙ୍କା ପରିବର୍ତ୍ତେ ବାସ୍ତବ ହିସାବରେ 116 କୋଟି 25 ଲକ୍ଷ ଟଙ୍କା ହୋଇଥିଲା । ତେଣୁ ୧୯୮୮-୮୯ ବର୍ଷର ପ୍ରାରମ୍ଭିକ ନିଅଣ୍ଟ 116 କୋଟି 25 ଲକ୍ଷ ଟଙ୍କା ହେଲା । ଏ ବର୍ଷ ମଧ୍ୟ

ରାଜ୍ୟର କେତେକ ଜିଲ୍ଲା କ୍ରମାନ୍ୱୟରେ ଦ୍ୱିତୀୟ ବର୍ଷ ପାଇଁ ମରୁଡ଼ିଗ୍ରସ୍ତ ହୋଇଥିଲା ବେଳେ ଆଉ କେତେକ ଜିଲ୍ଲା ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି । ପ୍ରାକୃତିକ ବିପର୍ଯ୍ୟୟଗ୍ରସ୍ତ ଅଞ୍ଚଳର ଏହି ଲୋକମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବ୍ୟାପକ ଶ୍ରମବହୁଳ କାର୍ଯ୍ୟକ୍ରମ ସମେତ ଅନ୍ୟାନ୍ୟ ଯଥୋଚିତ ରିଲିଫର ବ୍ୟବସ୍ଥା କରିଅଛନ୍ତି ।

**3.** ୧୯୮୮-୮୯ ବର୍ଷର ସଂଶୋଧିତ ବଜେଟ୍ ଅଟକଳ ଅନୁସାରେ ମୋଟ ଆୟର ପରିମାଣ 4,632 କୋଟି 2୪ ଲକ୍ଷ ଓ ବ୍ୟୟ 4,516 କୋଟି 2 ଲକ୍ଷ ଟଙ୍କା ହୋଇ 116 କୋଟି 26 ଲକ୍ଷ ଟଙ୍କା ବଳକା ରହିବ । ରାଜ୍ୟ ସରକାରଙ୍କ ଆର୍ଥିକ ପରିସ୍ଥିତିର ବ୍ୟାହତ ଭାରସାମ୍ୟକୁ ଚଳିତ ଆର୍ଥିକ ବର୍ଷରେ ସୁଧାରିବା ପାଇଁ ଏହି ବଳକାକୁ ପ୍ରାରମ୍ଭିକ ନିଅଣ୍ଟ ବାବଦକୁ ଭରଣା କରାଯିବ । ରାଜ୍ୟ ବାର୍ଷିକ ଯୋଜନା ବ୍ୟୟର ପୁନଃନିର୍ଦ୍ଧାରଣ ଓ ସମ୍ବଳ ସଂଗ୍ରହରେ ଉନ୍ନତି କରି ଏହି ଲକ୍ଷ୍ୟ ସାଧନ କରିବା ପାଇଁ ପ୍ରୟାସ କରାଯାଇଛି । ସଂଶୋଧିତ ଅଟକଳ ଅନୁଯାୟୀ ୧୯୮୮-୮୯ ଆର୍ଥିକ ବର୍ଷର ସର୍ବଶେଷ ମୋଟ୍ ଜମା କେବଳ ଏକ ଲକ୍ଷ ଟଙ୍କା ହେବ । ତେଣୁ ୧୯୮୯-୯୦ ବର୍ଷର ପ୍ରାରମ୍ଭିକ ଜମା ମଧ୍ୟ ସମ ପରିମାଣ ହେବ ।

**4.** ମାନ୍ୟବର ସଭ୍ୟମାନେ ଜାଣନ୍ତି ଯେ, ନବମ ଅର୍ଥ କମିଶନ ୧୯୮୯-୯୦ ବର୍ଷ ପାଇଁ ଆମ ରାଜ୍ୟ କେନ୍ଦ୍ରୀୟ ଟିକସରୁ କେତେ ଭାଗ ଓ ଅନ୍ୟାନ୍ୟ କେଉଁ କେଉଁ ଅନୁଦାନ ପାଇବ ତାହା ସୁପାରିଶ କରିଛନ୍ତି । କମିଶନଙ୍କ ଉକ୍ତ ସୁପାରିଶକୁ ଦୃଷ୍ଟିରେ ରଖି ୧୯୮୯-୯୦ ବଜେଟ୍‌ର ଆୟ ଅଟକଳ ଧାର୍ଯ୍ୟ କରାଯାଇଛି । ରାଜ୍ୟ ଟିକସ ଓ ଅଣ ଟିକସ ବାବଦ ଆୟ ମଧ୍ୟ କମିଶନଙ୍କ ସୁପାରିଶ ଅନୁଯାୟୀ ବର୍ଦ୍ଧିତ ହାରରେ ନିଆଯାଇଛି । ଷଷ୍ଠ ଯୋଜନା କାଳରେ ସମାପ୍ତ ହୋଇଥିବା କାର୍ଯ୍ୟଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ କମିଶନ ସୁପାରିଶ କରିଥିବା ୨୩ କୋଟି ଟଙ୍କାକୁ ମିଶାଇ ଅଣଯୋଜନା ରାଜସ୍ୱ ହିସାବରେ ଯେଉଁ ବ୍ୟୟ ଅଟକଳ ବଜେଟ୍‌ରେ ପ୍ରସ୍ତାବିତ ହୋଇଛି ତାହା ୧୯୮୯-୯୦ ବର୍ଷ ପାଇଁ କମିଶନ ଧାର୍ଯ୍ୟ କରିଥିବା ମୋଟ୍ ବ୍ୟୟ ଅଟକଳ ସହିତ ପ୍ରାୟ ସମାନ ।

୧୯୮୯-୯୦ ଆର୍ଥିକ ବର୍ଷପାଇଁ ରାଜ୍ୟ ସରକାରଙ୍କ ଅଣଯୋଜନା ଆୟ ଅଟକଳ ମାନ-ଭିତ୍ତି (**Normative basis**)ରେ ଧାର୍ଯ୍ୟ କରିବାକୁ ଯାଇ ନବମ ଅର୍ଥ କମିଶନ, ରାଜ୍ୟ ସରକାର ୧୯୮୪-୮୯ ପର୍ଯ୍ୟନ୍ତ ଯୋଜନା ଖର୍ଚ୍ଚ ପାଇଁ ସଂଗ୍ରହ କରିଥିବା ସମ୍ବଳର କେତେକାଂଶ ଅଣଯୋଜନା ଆୟ ମଧ୍ୟରେ ସାମିଲ୍‌କରି ଦେଇଛନ୍ତି । ଅଣଯୋଜନା ରାଜସ୍ୱ ଆୟ ହିସାବ କରିବାରେ କମିଶନ ଏହି ପଦ୍ଧତି ଅବଲମ୍ବନ କରିବା ଫଳରେ ସପ୍ତମ ଯୋଜନାର ଅନ୍ତିମ ବର୍ଷରେ ଯୋଜନା ବ୍ୟୟ ପାଇଁ ରାଜ୍ୟ ସରକାରଙ୍କର ସମ୍ବଳ ସଂଗ୍ରହ ପରିସର ସଙ୍କୁଚିତ ହୋଇଛି । ଅର୍ଥ କମିଶନ ଆମ ରାଜ୍ୟକୁ ଆସିଥିବା ସମୟରେ, ଆମ ମୁଖ୍ୟମନ୍ତ୍ରୀ ଅନ୍ୟାନ୍ୟ ବିଷୟ ସହିତ, ଏ କଥା ତାଙ୍କ ଆଗରେ ଉପସ୍ଥାପନକରି କମିଶନଙ୍କ ମଧ୍ୟବର୍ତ୍ତୀକାଳୀନ ସୁପାରିଶ ଯେ ଓଡ଼ିଶା ପାଇଁ ଯଥେଷ୍ଟ ଓ ଆଶାନୁରୂପ ହୋଇନାହିଁ ତାହା ଦୃଢ଼ ଭାବରେ ଜଣାଇଥିଲେ । ଯେହେତୁ 1୯୮୯-୯୦ ଆର୍ଥିକ ବର୍ଷରେ ଅଧିକ ପରିମାଣର ଅତିରିକ୍ତ ସମ୍ବଳ ସଂଗ୍ରହ କରିବା ସମ୍ଭବପର ନୁହେଁ, ଖୋଲା ବଜାରରୁ ଅଧିକ ଋଣ, ପୁଞ୍ଜି ହିସାବରେ ଅଧିକ ଆୟ ଓ ଅଧିକ କେନ୍ଦ୍ରୀୟ ସହାୟତା ସୂତ୍ରରୁ ସମ୍ବଳ ସଂଗ୍ରହ କରି 1୯୮୯-୯୦ର ବାର୍ଷିକ ଯୋଜନା ବ୍ୟୟ ଭରଣା କରିବା ପାଇଁ ଏହି ବର୍ଷର ବଜେଟ୍ ଅଟକଳରେ ପ୍ରସ୍ତାବ କରାଯାଇଛି । ଏହି ପୃଷ୍ଠଭୂମିରେ ୧୯୮୯-୯୦ ଆର୍ଥିକ ବର୍ଷର ବଜେଟ୍ ଅନୁମାନର ମୋଟ ଆୟ 4,832 କୋଟି 33 ଲକ୍ଷ ଟଙ୍କା ହେବାର ଅଟକଳ କରାଯାଇଛି । ଏହି ବର୍ଷର ମୋଟ୍ ବ୍ୟୟ ମଧ୍ୟ ସମ ପରିମାଣର ହେବ । ସଂଗଠିତ ପାଣ୍ଠିରେ ମୋଟ ଆୟ 3,136 କୋଟି 40 ଲକ୍ଷ ଟଙ୍କା ଓ ମୋଟ୍ ବ୍ୟୟ 3,338 କୋଟି 72 ଲକ୍ଷ ଟଙ୍କା ହେବ । ଅନିୟତା ପାଣ୍ଠିର ମୋଟ୍ ଆୟ ଓ ବ୍ୟୟ ଉଭୟ 20 କୋଟି ଟଙ୍କା ଲେଖାଏଁ ହେବ । ସରକାରୀ ହିସାବ (**Public Account**)ର ମୋଟ୍ ଆୟ 1,675 କୋଟି 93 ଲକ୍ଷ ଟଙ୍କା ଓ ବ୍ୟୟ 1,473 କୋଟି 61 ଲକ୍ଷ ଟଙ୍କା ହେବ । ଏହି ହିସାବର ବଳକା ଜମା ସଂଗଠିତ ପାଣ୍ଠିର ନିଅଣ୍ଟକୁ ସମ୍ପୂର୍ଣ୍ଣ ଭରଣା କରୁଥିବାରୁ 1୯୮୯-୯୦ ବର୍ଷର ପ୍ରାରମ୍ଭିକ ଜମା ଏକ ଲକ୍ଷ ଟଙ୍କା ଏ ବର୍ଷର ସର୍ବଶେଷ ଜମା ଆକାରରେ ହିସାବରେ ଦେଖାଯାଇଛି (ପରିଶିଷ୍ଟ-Iରେ ଏହାର ବିଶଦ ବିବରଣୀ ଦିଆଯାଇଛି) ।

5. ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତକରି, ଆମ ରାଜ୍ୟକୁ ସର୍ବାଙ୍ଗୀଣ ବିକାଶ ପଥରେ ଆଗେଇ ନେବାକୁ ଆମ ସରକାର 1980 ଠାରୁ ଦୃଢ଼ ସଂକଳ୍ପ ସହିତ ପ୍ରଚେଷ୍ଟା କରିଆସୁଥିବା କଥା ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି । ସ୍ଥିର ମୂଲ୍ୟସୂଚୀରେ 1979-80ରେ ଶେଷ ହେଉଥିବା ସାତ ବର୍ଷର ହାରାହାରି ଅଭିବୃଦ୍ଧି ହାର ଶତକଡ଼ା 1ରୁ କମ୍ ଥିବା ସ୍ଥଳେ ଷଷ୍ଠ ଓ ସପ୍ତମ ଯୋଜନା କାଳ ମଧ୍ୟରେ (1980-81 ଠାରୁ 1986-87) ଏହି ଅଭିବୃଦ୍ଧି ହାର ଶତକଡ଼ା 4·9 ହୋଇପାରିଛି । ଆମ ରାଜ୍ୟର ଅର୍ଥନୈତିକ ସ୍ଥିତିକୁ ଅଧିକ ବ୍ୟାପକ ଓ ସୁଦୃଢ଼କରି ରାଜ୍ୟବାସୀ ଓ ଭବିଷ୍ୟତ ବଂଶଧରମାନଙ୍କୁ ସମୃଦ୍ଧ ଓ ପୂର୍ଣ୍ଣାଙ୍ଗ ଜୀବନ ଯାପନ କରିବାରେ ସାହାଯ୍ୟ କରିବାପାଇଁ ଆମ ସରକାର ଅବିରତ ଉଦ୍ୟମ କରିଆସୁଛନ୍ତି । 1989-90 ବଜେଟ୍ ଏହି ଲକ୍ଷ୍ୟ ସାଧନ ଦିଗରେ ଆଉ ଏକ ବଳିଷ୍ଠ ପଦକ୍ଷେପ ।

6. 1989-90 ବର୍ଷର ରାଜ୍ୟ ଯୋଜନା ବ୍ୟୟ 925 କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି । ଏଥି ମଧ୍ୟରୁ 800 କୋଟି 10 ଲକ୍ଷ ଟଙ୍କା ରାଜ୍ୟ ସରକାରଙ୍କ ବଜେଟ୍‌ରେ ଅନ୍ତର୍ଭୁକ୍ତ । ଅବଶିଷ୍ଟ 124 କୋଟି 90 ଲକ୍ଷ ଟଙ୍କା ରାଜ୍ୟ ବିଦ୍ୟୁତ୍ ବୋର୍ଡ, ରାଜ୍ୟ ପରିବହନ ନିଗମ ଓ ପୌର ସଂସ୍ଥାମାନଙ୍କର ବିଭିନ୍ନ ଯୋଜନା କାର୍ଯ୍ୟକ୍ରମପାଇଁ ଉଦ୍ଦିଷ୍ଟ ।

ରାଜ୍ୟ ଯୋଜନାର ବିଭିନ୍ନ କ୍ଷେତ୍ରରେ ବ୍ୟୟ ବ୍ୟବସ୍ଥା ନିମ୍ନମତେ ହେବା—

| | | କୋଟି ସଂଖ୍ୟାରେ ଟଙ୍କା |
|---|---|---|
| 1. କୃଷି ଓ ଆନୁସଙ୍ଗିକ ସେବା | .. | 90·06 |
| 2. ଗ୍ରାମ୍ୟ ଉନ୍ନୟନ | .. | 60·09 |
| 3. ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ | .. | 184·54 |
| 4. ଶକ୍ତି | .. | 261·84 |
| 5. ପରିବହନ | .. | 53·37 |
| 6. ଶିଳ୍ପ ଓ ଖଣିଜ ଦ୍ରବ୍ୟ | .. | 51·73 |
| 7. ବିଜ୍ଞାନ, ବୈଷୟିକ ସେବା ଓ ପରିବେଶ | .. | 1·61 |
| 8. ସାଧାରଣ ଆର୍ଥିକ ସେବା | .. | 14·02 |
| 9. ସାମାଜିକ ସେବା | .. | 163·22 |
| 10. ସାଧାରଣ ସେବା | .. | 44·52 |
| ମୋଟ | .. | 925·00 |

ରାଜ୍ୟ ସରକାରଙ୍କ ବଜେଟ୍‌ରେ ରାଜ୍ୟ ଯୋଜନା ବାବଦ୍ ବରାଦ କରାଯାଇଥିବା 800 କୋଟି 10 ଲକ୍ଷ ଟଙ୍କା ମଧ୍ୟରେ ନବମ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ପ୍ରଶାସନିକ ମାନବୃଦ୍ଧି ଓ ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣପାଇଁ ଯଥାକ୍ରମେ ମିଳିବାକୁ ଥିବା 18 କୋଟି 22 ଲକ୍ଷ ଓ 10 କୋଟି 58 ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ । ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ ନିମିତ୍ତ ବର୍ଷ ମଧ୍ୟରେ 31 କୋଟି 85 ଲକ୍ଷ ଟଙ୍କାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ମଧ୍ୟ ମିଳିବାର ପ୍ରସ୍ତାବ ରହିଛି । କର୍ମଚାରୀ ରାଜ୍ୟ ବୀମା ଓ ଇଉନିସେଫ୍ (UNICEF)ଙ୍କ ଠାରୁ 1 କୋଟି 61 ଲକ୍ଷ ଟଙ୍କା ମିଳିବ । କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ବାବଦରେ 294 କୋଟି 51 ଲକ୍ଷ ଟଙ୍କାର ବ୍ୟୟ ବ୍ୟବସ୍ଥା ମଧ୍ୟ 1989-90 ବର୍ଷର ବଜେଟ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି । ରାଜ୍ୟ ଯୋଜନା, କେନ୍ଦ୍ରୀୟ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଆଦିବାସୀ ଉନ୍ନୟନ ଯୋଜନା, କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ସମେତ ମୋଟ 1,128 କୋଟି 7 ଲକ୍ଷ ଟଙ୍କାର ଯୋଜନା ବ୍ୟୟ ପାଇଁ 1989-90 ବଜେଟ୍ ଅନୁମାନରେ ପ୍ରସ୍ତାବ କରାଯାଇଛି ।

**7.** ମୁଁ ବର୍ତ୍ତମାନ କେତେକ ଉନ୍ନୟନମୂଳକ ମୁଖ୍ୟ କାର୍ଯ୍ୟକ୍ରମ ଉପରେ ସଂକ୍ଷେପରେ ସୂଚନା ଦେଉଛି ।

**8.** କୃଷି ଉତ୍ପାଦନ ଓ ଉତ୍ପାଦିକା ଶକ୍ତିର ବୃଦ୍ଧି ଆମ କୃଷି ନୀତିର ପ୍ରଧାନ ଆଭିମୁଖ୍ୟ ହୋଇଆସିଅଛି । ତଦନୁଯାୟୀ ଆମର ଯୋଜନା କାର୍ଯ୍ୟକ୍ରମଗୁଡ଼ିକ ପ୍ରସ୍ତୁତ କରାଯାଇଛି । ଏ ସଂପର୍କୀୟ କାର୍ଯ୍ୟକ୍ରମମାନଙ୍କ ମଧ୍ୟରେ କୃଷକମାନଙ୍କୁ

କୃଷି ଓ ମୃତ୍ତିକା ସଂରକ୍ଷଣ ।

ଉପଯୁକ୍ତ ତାଲିମ ପ୍ରଦାନ, ଉନ୍ନତ ବୈଷୟିକ କୌଶଳ ଅବଲମ୍ବନପୂର୍ବକ ନୂତନ ଫସଲ ଖସଡ଼ା ପ୍ରଚଳନ ଉଲ୍ଲେଖନୀୟ । ଏତଦ୍‌ବ୍ୟତୀତ କୃଷକମାନଙ୍କୁ ଅଧିକ ଅମଳକ୍ଷମ ବିହନ, ଉନ୍ନତ କୃଷି ଉପକରଣ ସମେତ ଅନ୍ୟାନ୍ୟ ଆନୁସଙ୍ଗିକ କୃଷି ସଂପ୍ରସାରଣ ସୁବିଧା ସୁଯୋଗ ଯୋଗାଇଦେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ରାଜ୍ୟର ଧାନ ଉତ୍ପାଦନ 1979-80ରେ 29.18 ଲକ୍ଷ ଟନ ଥିବା ସ୍ଥଳେ 1983-84ରେ ଏହା 51.21 ଲକ୍ଷ ଟନକୁ ବୃଦ୍ଧିପାଇଥିଲା । 1988-89ରେ

ଏହା 53·43 ଲକ୍ଷ ଟନ୍ ହେବାର ଆଶା କରାଯାଉଛି । ସେହିପରି ରାଜ୍ୟର ତୈଳବୀଜ ଉତ୍ପାଦନ 1979-80ରେ 1·23 ଲକ୍ଷ ଟନ୍ ଥିବା ସ୍ଥଳେ 1983-84ରେ 3·99 ଲକ୍ଷ ଟନ୍ ହୋଇପାରିଥିଲା । 1988-89 ବର୍ଷରେ ଏହା 9·24 ଲକ୍ଷ ଟନ୍ ହେବ ବୋଲି ଆଶା କରାଯାଉଛି । ଆସନ୍ତା ବର୍ଷ 10·32 ଲକ୍ଷ ଟନ୍ ତୈଳବୀଜ ଉତ୍ପାଦନପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଆପଣମାନେ ଜାଣି ଖୁସି ହେବେ ଯେ ଆମ ରାଜ୍ୟ ଚିନାବାଦାମ ଉତ୍ପାଦନ କ୍ଷେତ୍ରରେ ହେକ୍ଟର ପିଛା ହାରାହାରି 14·34 କ୍ୱିଣ୍ଟାଲ ଉତ୍ପାଦନକରି ଏକ ଉଲ୍ଲେଖନୀୟ ସଫଳତା ହାସଲ କରି-ପାରିଛି । ଏହା ଜାତୀୟ ହାରାହାରି ଉତ୍ପାଦନଠାରୁ ଯଥେଷ୍ଟ ବେଶୀ । ଡାଲି ଜାତୀୟ ଶସ୍ୟ ଉତ୍ପାଦନ 1979-80 ଠାରୁ 1987-88 ବର୍ଷ ମଧ୍ୟରେ ପ୍ରାୟ ଦ୍ୱିଗୁଣିତ ହୋଇପାରିଛି । ଏହି ସବୁ ଶସ୍ୟର ଉତ୍ପାଦନ ଆସନ୍ତା ବର୍ଷ ଆଉ ଅଧିକ ହେବାର ଲକ୍ଷ୍ୟ ରଖାଯାଇଛି । ଏ କ୍ଷେତ୍ରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ମୃତ୍ତିକା ଓ ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ ବିଶେଷ ଉଲ୍ଲେଖଯୋଗ୍ୟ । ଅଣଜଳସେଚିତ ଅଞ୍ଚଳଗୁଡ଼ିକରେ ମୃତ୍ତିକାର ଆର୍ଦ୍ରତା ରକ୍ଷା କରିବା ଉଦ୍ଦେଶ୍ୟରେ 4,738ଟି ଜଳ-ଅମଳ ପ୍ରକଳ୍ପ ନିର୍ମାଣ କରାଯାଇଛି ଓ ଏହାଦ୍ୱାରା ପ୍ରାୟ 76,000 ହେକ୍ଟର ଜମିରେ ଜଳସେଚନ ଯୋଗାଇ ଦିଆଯାଇପାରୁଛି । ଆସନ୍ତା ବର୍ଷ 519ଟି ଜଳ-ଅମଳ ପ୍ରକଳ୍ପ ନିର୍ମାଣ, 84 କି.ମି. ନଦୀ ଅତଡ଼ା କ୍ଷୟ ନିୟନ୍ତ୍ରଣ, 1,745 ହେକ୍ଟର ଜମିରେ ବୃକ୍ଷ ରୋପଣ ଓ 5,852 ହେକ୍ଟର କ୍ଷୟପ୍ରାପ୍ତ ଜମିର ଉନ୍ନତି ବିଧାନ ପାଇଁ ଲକ୍ଷ୍ୟ ରଖାଯାଇଛି ।

ସମବାୟ

8·1. ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ କରିବା ଦିଗରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । 1988 ମସିହା ସୁଦ୍ଧା ଶତକଡ଼ା 80 ଭାଗରୁ ଅଧିକ କୃଷକ ପରିବାର ସମବାୟ ପରିସରଭୁକ୍ତ ହୋଇ ସାରିଛନ୍ତି । ଶତକଡ଼ା 90 ଭାଗ କୃଷକ ପରିବାରଙ୍କୁ 1990 ସୁଦ୍ଧା ସମବାୟ ପରିସରଭୁକ୍ତ କରିବାର ଲକ୍ଷ୍ୟ ରଖାଯାଇଛି । 1988-89 ଓ 1989-90 ଆର୍ଥିକ ବର୍ଷରେ ଯଥାକ୍ରମେ 70 କୋଟି ଓ 80 କୋଟି ଟଙ୍କାର ସ୍ୱଳ୍ପ ମିଆଦି ଋଣ ଯୋଗାଇ ଦେବାର ପ୍ରସ୍ତାବ ରହିଛି । 1988-89 ଓ 1989-90 ମସିହାରେ ମଧ୍ୟମ ଓ ଦୀର୍ଘ ମିଆଦି ଋଣ ବାବଦରେ ଯଥାକ୍ରମେ 28 କୋଟି ଓ 35 କୋଟି ଟଙ୍କା ଯୋଗାଇ ଦେବାର ଲକ୍ଷ୍ୟ

ରହିଛି । ଏହି ମୋଟ ଋଣର ଶତକଡ଼ା 60 ଭାଗରୁ ଅଧିକ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ମିଳିବ ବୋଲି ଆଶା କରାଯାଏ । ଧାନ ଉତ୍ପାଦନ ଓ ଜାତୀୟ ତୈଳବୀଜ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ଅଧିକ ସ୍ୱତନ୍ତ୍ର ସହାୟତା ଦିଆଯାଉଛି । ଚଳିତ ବର୍ଷ ଶସ୍ୟ ବୀମା ପରିକଳ୍ପନା ଅନୁଯାୟୀ 1987 ଖରିଫ୍ ଋତୁରେ ଧାନ ଫସଲରେ କ୍ଷତି ସହିଥିବା କୃଷକମାନଙ୍କୁ 13 କୋଟି 19 ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ । ଗୃହ ନିର୍ମାଣ, ବିକ୍ରି ବଟା ଓ ଖାଉଟି ସାମଗ୍ରୀ ଯୋଗାଣ କ୍ଷେତ୍ରରେ ସମବାୟ ସଂସ୍ଥାକୁ ସୁଦୃଢ଼ କରିବା ପାଇଁ ବହୁ ପଦକ୍ଷେପ ନିଆଯାଇଛି । ଦୈନିକ 70 ଟନ୍ ଚିନାବାଦାମ ପେଶିବା କ୍ଷମତା ବିଶିଷ୍ଟ ଏକ ତୈଳ ପ୍ରକଳ୍ପ ଏବଂ ଦୈନିକ 1,250 ଟନ୍ ଆଖୁ ପେଡ଼ିବା ଭଳି ଏକ ଚିନି କାରଖାନା, ସମବାୟ ମାଧ୍ୟମରେ କାର୍ଯ୍ୟକାରୀ ହୋଇ ଉତ୍ପାଦନ ଆରମ୍ଭ କଲାଣି ।

୪.2. ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଉଥିବା ବ୍ୟବସ୍ଥାଗୁଡ଼ିକ ମୁଖ୍ୟତଃ ଆମ ରାଜ୍ୟର ଗ୍ରାମ୍ୟ ଅର୍ଥନୈତିକ ଅବସ୍ଥାର ଉନ୍ନତି ପାଇଁ ଉଦ୍ଦିଷ୍ଟ । ଦୁଗ୍ଧ ଉତ୍ପାଦନ ଓ ବଳଦ କାର୍ଯ୍ୟ ପାଇଁ

ପଶୁପାଳନ

ଉଦ୍ଦିଷ୍ଟ ଗୋମହିଷାଦି ପଶୁମାନଙ୍କର ସ୍ୱାସ୍ଥ୍ୟ ଓ ଚିକିତ୍ସାର ଯତ୍ନ ନେଇ ସେମାନଙ୍କୁ ଉନ୍ନତ ମାନ ବିଶିଷ୍ଟ କରିବା ପଶୁପାଳନ ନୀତିର ମୌଳିକ ଲକ୍ଷ୍ୟ । ରାଜ୍ୟର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଦୁଗ୍ଧ-ବନ୍ୟା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ କଟକ, ପୁରୀ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି । କଳାହାଣ୍ଡି ଜିଲ୍ଲାର ନୂଆପଡ଼ା ସବ୍‌ଡିଭିଜନରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବାପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କୁକୁଡ଼ା, ବତକ, ମେଣ୍ଢା ଓ ଘୁଷୁରି ପାଳନ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି । ଅନେକ ବେସରକାରୀ ଶିଳ୍ପ ଉଦ୍ୟୋଗୀ କୁକୁଡ଼ା ଓ ଅନ୍ୟାନ୍ୟ ପଶୁପାଳନ କାର୍ଯ୍ୟକ୍ରମରେ ଆଗ୍ରହ ପ୍ରକାଶ କରୁଛନ୍ତି ।

୪.3. ରାଜ୍ୟର ନଦୀ ମୁହାଣ ଓ ମଧୁର ଜଳରେ ରହିଥିବା ମତ୍ସ୍ୟ ସମ୍ପଦର ଅଧିକରୁ ଅଧିକ ଉପଯୋଗ କରାଯାଉଛି । ମାଛ ବିହନ ଓ ଚିଙ୍ଗୁଡ଼ି ଉତ୍ପାଦନ

ମତ୍ସ୍ୟଚାଷ

କେନ୍ଦ୍ର ପରି ଭିତ୍ତିଭୂମିର ସୁବିଧା ସୁଯୋଗ ଗୁଡ଼ିକର ସଂପ୍ରସାରଣ କରାଯାଉଛି ।

ଅସ୍ତରଙ୍ଗଠାରେ ଗୋଟିଏ ମାଛଧରା ବନ୍ଦର ସ୍ଥାପନ କରିବାପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳି ସାରିଛି । ଫ୍ରାନ୍ସ ସରକାରଙ୍କ ସହଯୋଗ ଓ MPEDAଙ୍କ ସହାୟତାରେ ଗୋପାଳପୁରଠାରେ ଏକ ବୃହତ୍ ଚିଙ୍ଗୁଡ଼ି ବିହନ ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯାଇଛି । ମତ୍ସ୍ୟ ଚାଷ ପାଇଁ ଆଜି ସୁଦ୍ଧା 26,102 ହେକ୍ଟର ମଧୁର ପାଣି ଅଞ୍ଚଳ ଓ 2,898 ହେକ୍ଟର ଖାରି ପାଣି ଅଞ୍ଚଳକୁ ଉନ୍ନୟନ କରାଯାଇଛି । ବିଭାଗୀୟ ସଂସ୍ଥା ଓ ଫାର୍ମ ଏବଂ ଓଡ଼ିଶା ମତ୍ସ୍ୟ ବିହନ ଉନ୍ନୟନ ନିଗମ ଉନ୍ନତ ପ୍ରଣାଳୀରେ ମାଛ ଓ ଚିଙ୍ଗୁଡ଼ି ଜାଆଁଳ ଉତ୍ପାଦନ କରିବା ପାଇଁ ବିସ୍ତୃତ କାର୍ଯ୍ୟକ୍ରମ ଗ୍ରହଣ କରି ସଫଳତା ହାସଲ କରି ପାରିଛନ୍ତି ।

ଜଙ୍ଗଲ

**9.** ୧୯୮୯-୯୦ରେ ରାଜ୍ୟରେ ଜଙ୍ଗଲ ସମ୍ପଦର ସୁରକ୍ଷା ଏବଂ ଅଧିକ ଅଞ୍ଚଳରେ ଜଙ୍ଗଲ ସୃଷ୍ଟି କରିବାପାଇଁ ସରକାର ଉଦ୍ୟମ ଅବ୍ୟାହତ ରଖିବେ । ମାନ୍ୟବର ସଭ୍ୟମାନେ ଜାଣନ୍ତି ଯେ କଳାହାଣ୍ଡି, ବଲାଙ୍ଗୀର ଓ ଫୁଲବାଣୀ ଜିଲ୍ଲାରେ ଗଛକଟାକୁ ନିଷିଦ୍ଧ କରି ସମଗ୍ର ଦେଶରେ ଓଡ଼ିଶା ସରକାର ଏକ ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି । କେତେକ ଶ୍ରେଣୀର ସଂରକ୍ଷିତ ଜଙ୍ଗଲ ପରିଚାଳନା ଓ ସୁରକ୍ଷା ଦାୟିତ୍ୱ ସମୀପବର୍ତ୍ତୀ ଗ୍ରାମବାସୀମାନଙ୍କ ହାତରେ ନ୍ୟସ୍ତ କରାଯାଇଛି । ଜଙ୍ଗଲର ଉପାଦେୟତା ସମ୍ପର୍କରେ ସେମାନଙ୍କ ମନରେ ଅଧିକତର ଚେତନା ସୃଷ୍ଟି କରିବା ଓ ଜଙ୍ଗଲର ଉପଯୋଗ ତଥା ସଦ୍‌ବ୍ୟବହାର ନିମନ୍ତେ ସେମାନଙ୍କର ମନରେ ଦାୟିତ୍ୱବୋଧ ସୃଷ୍ଟି କରିବା ଏହାର ଲକ୍ଷ୍ୟ । କ୍ଷୟପ୍ରାପ୍ତ ଜଙ୍ଗଲର ବହୁ ଅଞ୍ଚଳ ସମୃଦ୍ଧ କରିବା ନିମନ୍ତେ ଏବଂ ନୂତନ ଇଲାକାରେ ଜଙ୍ଗଲ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । 1989-90ରେ 36,225ରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ବୃକ୍ଷରୋପଣ ଏବଂ କ୍ଷୟପ୍ରାପ୍ତ 1,300 ହେକ୍ଟର ଜଙ୍ଗଲର ପୁନରୁଦ୍ଧାର ନିମନ୍ତେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଇତିମଧ୍ୟରେ ରାଜ୍ୟ ସରକାର ଭିତର କନିକାକୁ ଏକ ଅଭୟାରଣ୍ୟରେ ପରିଣତ କରିବାପାଇଁ ଘୋଷଣା କରିଛନ୍ତି । ବନ୍ୟପ୍ରାଣୀ ସଂରକ୍ଷଣ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ମୃଗ ବିହାର ଓ ଅଭୟାରଣ୍ୟମାନ ପ୍ରତିଷ୍ଠା କରାଯାଇଛି ।

ଜଳସେଚନ ଓ ବନ୍ୟା-ନିୟନ୍ତ୍ରଣ

**10.** ଜଳସେଚନ ବ୍ୟବସ୍ଥାର ଦ୍ରୁତ ସମ୍ପ୍ରସାରଣ ଓ ଜଳର ସୁଲଭତା କୃଷି ଓ ତତ୍‌ସମ୍ପର୍କିତ ଅର୍ଥନୈତିକ କାର୍ଯ୍ୟକଳାପର ଅଭିବୃଦ୍ଧି ଓ ଆଧୁନିକୀକରଣ ପାଇଁ ଅତୀବ ଜରୁରୀ । ବିଶେଷତଃ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ଏହା ନିତାନ୍ତ ଅପରିହାର୍ଯ୍ୟ । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଘୋଡ଼ାହାଡ଼ ଓ ରସ୍‌କେଲ ବନ୍ଧର ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ । ବରଗଡ଼ ମୁଖ୍ୟ କେନାଲ, ଆନନ୍ଦପୁର ବ୍ୟାରେଜ୍ ଓ ବଂଶଧାରା ପ୍ରକଳ୍ପର ପୁନଃ ସଂସ୍କାର ସାର୍ଥକ ଭାବେ ସମ୍ପାଦିତ ହେବ । 1988-89 ରେ ବୃହତ୍, ମଧ୍ୟମ, କ୍ଷୁଦ୍ର ଏବଂ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ 57,744 ହେକ୍ଟର ଖରିଫ ଓ 30,545 ହେକ୍ଟର ରବି ଋତୁରେ ଅତିରିକ୍ତ, ଜଳସେଚନ ସୁବିଧା କରାଯିବ । ଏହିସବୁ ଯୋଜନା ଜରିଆରେ 1989-90 ରେ ଅଧିକ 65,378 ହେକ୍ଟର ଖରିଫ, 43,089 ହେକ୍ଟର ରବିଋତୁ ଜମି ଜଳସେଚିତ ହେବାର ସମ୍ଭାବନା ରହିଛି । 1989-90 ବର୍ଷ ମଧ୍ୟରେ ମହାନଦୀ-ବିରୂପା ବ୍ୟାରେଜ୍ ପ୍ରକଳ୍ପ, ରାମିଆଳ, ସୁନେଇ, କଂସବାହାଲ, ସୁନ୍ଦର, ଅପର ସୁକତେଲ୍ ଏବଂ ରେମାଳ ଯୋଜନାର ସମ୍ପ୍ରସାରଣ ସମ୍ପୂର୍ଣ୍ଣ ହେବାର ଆଶା ଅଛି । ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ 40ଟି ଜଳ ବଣ୍ଟନ ଯୋଜନା ସମ୍ପୂର୍ଣ୍ଣ କରାଯିବା ବ୍ୟତୀତ ଜୁନ୍ 1989 ମଧ୍ୟରେ 12ଟି ଜଳ ନିଷ୍କାସନ ଯୋଜନାକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯିବ । 1989-90 ପାଇଁ ପ୍ରସ୍ତୁତ କରାଯାଇଥିବା ଉଠା ଜଳସେଚନ କାର୍ଯ୍ୟକ୍ରମ ମଧ୍ୟରେ ସହସ୍ରାଧିକ 'ଲିଫଟ୍ ପଏଣ୍ଟ' ପ୍ରତିଷ୍ଠା ଅନ୍ତର୍ଭୁକ୍ତ । ଏହାଦ୍ୱାରା ଆହୁରି 24,000 ହେକ୍ଟର ଜମି ଜଳସେଚିତ ହୋଇପାରିବ । ବନ୍ୟା ବିପଦଗ୍ରସ୍ତ ଓ ଜଳମଗ୍ନ ହେଉଥିବା 41,000 ବର୍ଗ କିଲୋମିଟର ଅଞ୍ଚଳରୁ ଏ ପର୍ଯ୍ୟନ୍ତ 28,000 ବର୍ଗ କିଲୋମିଟର ଇଲାକାର ସୁରକ୍ଷା ବ୍ୟବସ୍ଥା କରାଯାଇପାରିଛି । 1989-90 ରେ ଏ କ୍ଷେତ୍ରରେ ଅଧିକ ପଦକ୍ଷେପ ଗ୍ରହଣ କରାଯିବ ।

ଶକ୍ତି

**11.** ରାଜ୍ୟର କ୍ରମବର୍ଦ୍ଧିଷ୍ଣୁ ଶକ୍ତି ଚାହିଦାକୁ ଆଖି ଆଗରେ ରଖି ବର୍ତ୍ତମାନ ଥିବା ଶକ୍ତି ପ୍ରକଳ୍ପଗୁଡ଼ିକର ନବୀକରଣ, ପରିକଳ୍ପିତ ଯୋଜନାଗୁଡ଼ିକର ରୂପାୟନ ଏବଂ ଭବିଷ୍ୟତର ଆବଶ୍ୟକତା ମେଣ୍ଟାଇବା ପାଇଁ ନୂତନ ପ୍ରକଳ୍ପ

ଚିହ୍ନଟ କରିବା ନିମନ୍ତେ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଉପରକୋଲାବ ଜଳ ବିଦ୍ୟୁତ୍ ପ୍ରକଳ୍ପର ଦୁଇଟି ୟୁନିଟ୍ କାର୍ଯ୍ୟକାରୀ ହୋଇଛି । ରେଙ୍ଗାଳି ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ୟୁନିଟ୍‌ରେ ଶୀଘ୍ର ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ହେବାର ଆଶା ରହିଛି । 1989-90 ମଧ୍ୟରେ ଉପର କୋଲାବ୍‌ର ତୃତୀୟ ୟୁନିଟ୍, ରେଙ୍ଗାଳି ଦ୍ୱିତୀୟ ପର୍ଯ୍ୟାୟର ଦ୍ୱିତୀୟ ୟୁନିଟ୍ ଓ ହୀରାକୁଦର ସପ୍ତମ ୟୁନିଟ୍ କାର୍ଯ୍ୟକ୍ଷମ ହେବାର ଆଶା । ସପ୍ତମ ଯୋଜନା ଶେଷ ସୁଦ୍ଧା ନିଜସ୍ୱ ବିଦ୍ୟୁତ୍ ଉତ୍ପାଦନ (**Captive generation**) ସମେତ ରାଜ୍ୟର ସମୁଦାୟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା 2,761 ମେଗାୱାଟ୍ ହେବ । ଏହା ବ୍ୟତୀତ 840 ମେଗାୱାଟ୍ ପ୍ରତିଷ୍ଠିତ ବିଦ୍ୟୁତ୍ ଉତ୍ପାଦନ ଶକ୍ତି ସମ୍ପନ୍ନ ଇବ୍ ତାପଜ ଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ଏବଂ ତାଳଚେରଠାରେ ହେବାକୁ ଯାଉଥିବା ସୁପର ତାପଜ ବିଦ୍ୟୁତ୍ ପ୍ରକଳ୍ପ 1,000 ମେଗାୱାଟ୍ ପ୍ରତିଷ୍ଠିତ ଶକ୍ତି ଉତ୍ପନ୍ନ କରିବ ।

ଶିଳ୍ପ ଓ ଖଣି

**12.** ରାଜ୍ୟର ଶିଳ୍ପ ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁସୃତ ଶିଳ୍ପନୀତି ବିଶେଷ ସହାୟକ ହୋଇ ପାରିଛି । ଆସନ୍ତା ଦୁଇବର୍ଷ ମଧ୍ୟରେ ଶିଳ୍ପ ଉନ୍ନୟନ ନିଗମ 200 କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରି କେତେକ ନୂତନ ପ୍ରକଳ୍ପ ସ୍ଥାପନ କରିବା ଏବଂ ଚାଲୁଥିବା କେତେକ ଶିଳ୍ପ କାରଖାନାର ଉତ୍ପାଦନ ବୃଦ୍ଧି କରିବାକୁ କାର୍ଯ୍ୟକ୍ରମ ରଖିଛନ୍ତି । କେତେକ ପ୍ରକଳ୍ପ ପାଇଁ ଆସନ୍ତା ବର୍ଷ ଇପିକଲକୁ 8 କୋଟି ଟଙ୍କାର ଅଂଶଧନ ମିଳିବ । ବିଦ୍ୟୁତ୍ ଶୁଳ୍କ ଓ ବିକ୍ରିକର ପାଇଁ ଋଣ, ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ସମ୍ଭାବନା ସମ୍ପର୍କରେ ଅଧ୍ୟୟନ ଏବଂ ଉପଯୁକ୍ତ ବୈଷୟିକ କୌଶଳ ଅବଲମ୍ବନ ପାଇଁ ସହାୟତା ପ୍ରଦାନ ବାବଦରେ ଆଉ 4 କୋଟି 10 ଲକ୍ଷ ଟଙ୍କା ରହିଛି । 1989-90ରେ 1,200 ଶିଳ୍ପ ସଂସ୍ଥା ସ୍ଥାପନ ପାଇଁ ଓଡ଼ିଶା ରାଜ୍ୟ ଅର୍ଥ ନିଗମ 53 କୋଟି ଟଙ୍କା ଋଣ ଦେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ସପ୍ତମ ଯୋଜନାର ପ୍ରଥମ ଚାରିବର୍ଷରେ 'ଇଡ୍‌କୋ' 649 ଏକର ଜମିର ଉନ୍ନୟନ, 316ଟି ଶିଳ୍ପ କାରଖାନା ଗୃହ ନିର୍ମାଣ ଏବଂ 180ଟି ଶିଳ୍ପାଞ୍ଚଳ ଗୃହ

ADAPT, ଭୂମିଭିତ୍ତିକ ପୂର୍ଣ୍ଣାଙ୍ଗ ସେଚ ପ୍ରକଳ୍ପ (Composite Land Based Irrigation Scheme), ଯୋଡ଼ୁରୁଷ ନିରାକରଣ, ଆଦିବାସୀ ଉପଯୋଜନା ଅଞ୍ଚଳର କ୍ଷୁଦ୍ର ଋଣୀମାନଙ୍କୁ ଋଣମୁକ୍ତ କରିବା ଓ ସେ ଅଞ୍ଚଳରେ ଯାତାୟତ ବ୍ୟବସ୍ଥାର ସଂପ୍ରସାରଣ କରିବା ପରିକଳ୍ପନାଗୁଡ଼ିକ ଏ ମଧ୍ୟରେ ଅନ୍ତର୍ଭୁକ୍ତ । ତପସିଲଭୁକ୍ତ ଜାତିର ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର କଂପୋନେଣ୍ଟ ଯୋଜନାରେ ଖର୍ଚ୍ଚପାଇଁ 1988-89ରେ 106 କୋଟି 79 ଲକ୍ଷ ଟଙ୍କାର ବ୍ୟବସ୍ଥା ଥିବା ସ୍ଥଳେ ଆସନ୍ତା ବର୍ଷ ଏଥିପାଇଁ 119 କୋଟି 5 ଲକ୍ଷ ଟଙ୍କା ରଖାଯାଇଛି । ଚଳିତ ବର୍ଷ ଦାରିଦ୍ର୍ୟଦୂରୀକରଣ ଓ ଅନ୍ୟାନ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିଆରେ ମୋଟ 1,17,750 ଆଦିବାସୀ ଓ 85,000 ହରିଜନ ଉପକୃତ ହୋଇଛନ୍ତି । ସପ୍ତମ ଯୋଜନାର ପ୍ରଥମ ଚାରିବର୍ଷରେ ଏଭଳି ଯୋଜନା ମାଧ୍ୟମରେ ଉପକୃତ ହୋଇଥିବା ଆଦିବାସୀ ଓ ହରିଜନଙ୍କ ସଂଖ୍ୟା ଯଥାକ୍ରମେ 5,76,886 ଓ 4,23,741 । ଏ ଯୋଜନାରୁ 1989-90ରେ 85,000 ହରିଜନ ଓ 1,32,217 ଆଦିବାସୀ ପରିବାର ସୁଫଳ ଲାଭ କରିବେ ।

161. ଆଦିବାସୀ ଓ ହରିଜନ ଛାତ୍ରମାନଙ୍କର ଶିକ୍ଷାର ମାନ ଉନ୍ନତି କରିବାପାଇଁ ଦିଆ ଯାଉଥିବା ବୃତ୍ତି, ଭତ୍ତା, ପ୍ରୋତ୍ସାହନ ଓ ଅନୁଦାନ କାର୍ଯ୍ୟକ୍ରମ ଗୁଡ଼ିକ ଚାଲୁ ରଖାଯିବ । ବର୍ତ୍ତମାନ 1 ଲକ୍ଷ 20 ହଜାରରୁ ଅଧିକ ଛାତ୍ର ଏହାଦ୍ୱାରା ଉପକୃତ ହେଉଛନ୍ତି । ଆବାସିକ ବିଦ୍ୟାଳୟର ଆଦିବାସୀ ଛାତ୍ରମାନଙ୍କୁ ଅଧିକ ହାରରେ ଭତ୍ତା ଦେବାପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରି ସାରିଛନ୍ତି । ଆଦିବାସୀ ଓ ହରିଜନ ବହୁଳ ଅଞ୍ଚଳମାନଙ୍କରେ ଅବସ୍ଥିତ 5 ଗୋଟି ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ଦୁଇ ସ୍ତରରୁ ବୃତ୍ତିଗତ ଶିକ୍ଷା କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଉଅଛି । ସ୍ୱାସ୍ଥ୍ୟ ଉନ୍ନୟନ, ଅତ୍ୟାଚାରର ଶୀକାର ହୋଇଥିବା ହରିଜନ ଆଦିବାସୀମାନଙ୍କୁ ସାହାଯ୍ୟ ପ୍ରଦାନ, ଘରଡ଼ିହ ଓ ପାନୀୟଜଳ ଯୋଗାଣ ଏବଂ ଅଧିକ ଛାତ୍ରାବାସ ନିର୍ମାଣ କାର୍ଯ୍ୟକ୍ରମଗୁଡ଼ିକୁ ବିଶେଷ ଧ୍ୟାନ ଦିଆଯିବ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ

**17.** ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ସୁବିଧା ସୁଯୋଗ ସୃଷ୍ଟି କରାଯାଇଛି । ଚଳିତ ବର୍ଷ 94ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, 600ଟି ଉପକେନ୍ଦ୍ର, 26ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଟିଏ ଆୟୁର୍ବେଦିକ ହାସପାତାଳ, 25ଟି ଆୟୁର୍ବେଦିକ ଚିକିତ୍ସାଳୟ ଏବଂ 25ଟି ହୋମିଓପ୍ୟାଥିକ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଉଛି । 1989-90ରେ 100ଟି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, 644ଟି ଉପକେନ୍ଦ୍ର, 25ଟି ଆୟୁର୍ବେଦିକ ଚିକିତ୍ସାଳୟ, 25ଟି ହୋମିଓପ୍ୟାଥିକ ଚିକିତ୍ସାଳୟ ଏବଂ ଗୋଟିଏ ଡାକ୍ତରଖାନା ସ୍ଥାପନ ପାଇଁ ପ୍ରସ୍ତାବ ରହିଛି । ବର୍ତ୍ତମାନର କେତେକ ହାସପାତାଳର ଉନ୍ନତିବିଧାନ କରିବା ଏବଂ କେତେକ ସୁଦୂର ଅଞ୍ଚଳରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର ଚଳାଇବା ଲାଗି ଅର୍ଥ ଯୋଗାଇ ଦିଆଯାଇଛି । ଆମର ଜନସଂଖ୍ୟା ନିୟନ୍ତ୍ରଣ ଯୋଜନାରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଯାଇଛି । 6ଟି ବିନାଶକାରୀ ରୋଗ କବଳରୁ ମାଂ ଓ ଶିଶୁମାନଙ୍କୁ ରକ୍ଷା କରିବା ଲାଗି ରାଜ୍ୟର 11ଟି ଜିଲ୍ଲାରେ ସାର୍ବଜନୀନ ପ୍ରତିଷେଧକ ଟୀକା ଦାନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । 1989-90ରେ ଅନ୍ୟ ଦୁଇଟି ଜିଲ୍ଲାକୁ ଏହି କାର୍ଯ୍ୟକ୍ରମ ପ୍ରସାରିତ ହେବ । ଅନ୍ଧତ୍ୱ ଦୂରୀକରଣ, ଯକ୍ଷ୍ମା ନିୟନ୍ତ୍ରଣ, କୁଷ୍ଠ ରୋଗ ଚିକିତ୍ସା ପାଇଁ ବିବିଧ ଔଷଧ ପ୍ରୟୋଗ ଓ ଯକ୍ଷ୍ମା ରୋଗର ବିଲୋପ ପାଇଁ କାମୋଥେରାପି ଚିକିତ୍ସାପରି ଅନ୍ୟାନ୍ୟ ଜାତୀୟ କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ମଧ୍ୟ ବଜେଟରେ ବ୍ୟୟ ବ୍ୟବସ୍ଥା କରାଯାଇଛି । 1989-90ରେ ଯୋଜନା ବ୍ୟୟ ଅଟକଳ 72 କୋଟି 36 ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଛି ।

ଗୃହନିର୍ମାଣ ଓ ନଗର ଉନ୍ନୟନ

**18.** ବିଭିନ୍ନ ଆୟକାରୀ ଶ୍ରେଣୀର ଲୋକଙ୍କ ଗୃହ ନିର୍ମାଣ କାର୍ଯ୍ୟରେ ସହାୟତା କରିବା ପାଇଁ ସାମାଜିକ ଗୃହ ନିର୍ମାଣ ଯୋଜନାର ପରିସରକୁ ବୃଦ୍ଧି କରାଯାଇଛି । ସପ୍ତମ ଯୋଜନାର ପ୍ରଥମ ତିନିବର୍ଷ ମଧ୍ୟରେ ସମନ୍ୱିତ ଗୃହ ନିର୍ମାଣ ଯୋଜନା, ଇନ୍ଦିରା ଆବାସ ଯୋଜନା ଏବଂ ଦୁର୍ବଳ ଶ୍ରେଣୀଙ୍କ ପାଇଁ ଗୃହ ନିର୍ମାଣ ଯୋଜନା ପରି ବିଭିନ୍ନ ଯୋଜନା ଅନୁଯାୟୀ 26 ହଜାର 999 ବାସଗୃହ ନିର୍ମାଣ କରାଯାଇଛି । 1988-89ରେ 11 ହଜାର 300 ବାସଗୃହ ଏବଂ 1989-90ରେ 10 ହଜାର 51 ବାସଗୃହ ନିର୍ମାଣ କରିବାକୁ ଆମର ଲକ୍ଷ୍ୟ

ରହିଛି । ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଏବଂ ବିଭିନ୍ନ ଉନ୍ନୟନ ଓ ସହର ଯୋଜନା କର୍ତ୍ତୃପକ୍ଷଙ୍କ ତରଫରୁ ବାସଗୃହ ଓ ଅନ୍ୟାନ୍ୟ ଭିତ୍ତିଭୂମିକ ସୁବିଧା ସୁଯୋଗ ଯୋଗାଇ ଦେବା ଲାଗି ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସେମାନଙ୍କ କାର୍ଯ୍ୟ ପରିଚାଳନା ପାଇଁ ଏ ସଂସ୍ଥାଗୁଡ଼ିକୁ ସରକାରୀ ଅନୁଦାନ ଏବଂ ଋଣ ସାହାଯ୍ୟ ଦିଆଯାଉଛି । ଏଥିପାଇଁ 1989-90 ବଜେଟରେ 1 କୋଟି 40 ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା କରଯାଇଛି । ଭୂମିହୀନ ଶ୍ରମିକ, ଉଚ୍ଛେଦ କରଯାଇଥିବା ବସ୍ତିବାସିନ୍ଦା ଏବଂ ଅଗ୍ନି ବିପନ୍ନ ଗ୍ରାମଗୁଡ଼ିକର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଗୃହ ନିର୍ମାଣ ଲାଗି ସହାୟତା ପ୍ରଦାନ ବାବଦରେ ଅଧିକ ଏକ କୋଟି ଟଙ୍କା ବ୍ୟୟ ବ୍ୟବସ୍ଥା କରଯାଇଛି । ଛୋଟ ଓ ମଧ୍ୟମ ସହର ଗୁଡ଼ିକର ବିକାଶ ସାଧନ ଲାଗି ଛୋଟ ଓ ମଧ୍ୟମ ସହରର ସମନ୍ୱିତ ଉନ୍ନୟନ ଯୋଜନା ନାମକ ଏକ କେନ୍ଦ୍ରୀୟ ଯୋଜନା 1985-86ରୁ 3ଟି ସହରରେ କାର୍ଯ୍ୟକାରୀ ହେଉଛି ଏବଂ ଚଳିତ ବର୍ଷ ଓ ଆସନ୍ତା ବର୍ଷରେ ଅଧିକ 2ଟି ସହରରେ ଏହି ଯୋଜନା କାର୍ଯ୍ୟକାରୀ ହେବ ।

18·1. ସହରାଞ୍ଚଳ ଜଳଯୋଗାଣ ବ୍ୟବସ୍ଥାକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ସପ୍ତମ ଯୋଜନାର ପ୍ରଥମ ଚାରିବର୍ଷ ମଧ୍ୟରେ ମୋଟ 19 କୋଟି 5 ଲକ୍ଷ ଟଙ୍କା ଖର୍ଚ୍ଚ କରଯାଇଛି । 1989-90ରେ ଆଉ 6 କୋଟି 44 ଲକ୍ଷ ଟଙ୍କାର ବ୍ୟୟ ବ୍ୟବସ୍ଥା କରଯାଇଛି । ପୁରୀ ଓ କଟକ ସହରରେ ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ କରଯାଇଛି । ଅଳ୍ପ ବ୍ୟୟସାପେକ୍ଷ ପରିମଳ ବ୍ୟବସ୍ଥା ଓ ପୌରାଞ୍ଚଳ ନର୍ଦ୍ଦମା ନିର୍ମାଣ ଯୋଜନା କାର୍ଯ୍ୟକାରୀ ହେଉଛି । ପୌରାଞ୍ଚଳ ମୌଳିକ ସେବା କାର୍ଯ୍ୟକ୍ରମ ଅନୁଯାୟୀ ସହରାଞ୍ଚଳ ଗୁଡ଼ିକର ଦରିଦ୍ର ପରିବାରମାନଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଉଛି । ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କ ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି ବିଧାନ କରଯାଉଛି । ଏତଦ୍ୱାରା ସପ୍ତମ ଯୋଜନା ଶେଷ ସୁଦ୍ଧା ଉପକୃତ ହେଉଥିବା ବ୍ୟକ୍ତିଙ୍କ ମୋଟ ସଂଖ୍ୟା 69 ହଜାରରୁ ଅଧିକ ହେବ ।

**19.** ପ୍ରାଥମିକ, ମାଧ୍ୟମିକ, ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ପାଇଁ ସୁଯୋଗ ଓ ସୁବିଧା ସମ୍ପ୍ରସାରିତ ହୋଇଅଛି । 6 ବର୍ଷରୁ 11 ବର୍ଷ ବୟସ ପିଲାମାନଙ୍କର ସ୍କୁଲରେ ନାମ ଲେଖାଇବା ଶତକଡ଼ା 82·8 କୁ ବୃଦ୍ଧି ପାଇଛି ।

ଶିକ୍ଷା ଓ କ୍ରୀଡା

ଚଳିତ ବର୍ଷ 500 ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଛି ଏବଂ ଜଣେ ଶିକ୍ଷକ ବିଶିଷ୍ଟ ଏକ ହଜାର ବିଦ୍ୟାଳୟକୁ ଦ୍ୱିତୀୟ ଶିକ୍ଷକ ଦିଆଯାଇଛି । 314 ଟି ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟ-ଇଂରାଜୀ ବିଦ୍ୟାଳୟ ସ୍ତରକୁ ଉନ୍ନୀତ କରାଯାଇଛି । କଳାପଟା ଅଭିଯାନ ଯୋଜନା ମାଧ୍ୟମରେ 2,228 ଜଣ ପ୍ରାଥମିକ ଶିକ୍ଷକ ନିଯୁକ୍ତି କରାଯିବାର ଏବଂ 7,377ଟି ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷା ଉପକରଣ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । 1989-90ରେ ଏହି ଯୋଜନା ମାଧ୍ୟମରେ 2,900 ପ୍ରାଥମିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ଓ 8,102 ବିଦ୍ୟାଳୟକୁ ଶିକ୍ଷା ଉପକରଣ ଯୋଗାଇ ଦିଆଯିବ । ଆହୁରି ମଧ୍ୟ 500 ନୂଆ ପ୍ରାଥମିକ ବିଦ୍ୟାଳୟ ଖୋଲାଯିବ ଏବଂ 400 ବିଦ୍ୟାଳୟକୁ ଜଣେ ଲେଖାଏଁ ଅଧିକ ଶିକ୍ଷକ ଦିଆଯିବ ।

19·1. ଆଦିବାସୀ ଅଞ୍ଚଳର 5ଟି ଉଚ୍ଚ ବିଦ୍ୟାଳୟ ସମେତ ମୋଟ 31 ଗୋଟି ଅପଗ୍ରେଡେଡ୍ ଉଚ୍ଚ ବିଦ୍ୟାଳୟକୁ ବୃତ୍ତିଗତ ଶିକ୍ଷା ସୁବିଧା ଯୋଗାଇ ଦିଆଯାଇଛି । ଆସନ୍ତା ବର୍ଷ ଏହି କାର୍ଯ୍ୟକ୍ରମରେ ଆଉ 150ଟି ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରାଯିବ । ବ୍ୟବସାୟିକ ଶାସନ ପରିଚାଳନା (M.B.A.)ରେ ସ୍ନାତକୋତ୍ତର ଶିକ୍ଷା ବ୍ୟବସ୍ଥା ପାଇଁ ବ୍ରହ୍ମପୁର, ସମ୍ବଲପୁର ଓ ଉତ୍କଳ ବିଶ୍ୱବିଦ୍ୟାଳୟକୁ ସରକାର ଅନୁଦାନ ମଞ୍ଜୁର କରିଛନ୍ତି । ଗୋଟିଏ ବିକାଶ ଶିକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । 1989-90ରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକମାନଙ୍କର ତାଲିମକୁ ଉନ୍ନତ କରିବା ପାଇଁ 6ଟି ଜିଲ୍ଲାରେ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବାର ବ୍ୟବସ୍ଥା କରାଯାଇଛି । 1988-89ରେ ଆରମ୍ଭ କରାଯାଇଥିବା ଜାତୀୟ ସାକ୍ଷରତା ମିଶନ୍ କାର୍ଯ୍ୟକ୍ରମ ଅନୁଯାୟୀ 15 ଠାରୁ 35 ବର୍ଷ ବୟସ୍କ ଲୋକମାନଙ୍କ ମଧ୍ୟରେ ସାକ୍ଷର ସଂଖ୍ୟା ବୃଦ୍ଧି କରିବା ପାଇଁ ସରକାରୀ ଓ ସ୍ୱେଚ୍ଛାସେବୀ ବେସରକାରୀ ସଂସ୍ଥାମାନଙ୍କୁ ପ୍ରୋତ୍ସାହନ ଓ ପରାମର୍ଶ ଦେବା କାର୍ଯ୍ୟକ୍ରମ ଚାଲୁ ରହିବ । 1988-89ରେ 50ଟି ଜନ ଶିକ୍ଷା ନିଳୟ ସ୍ଥାପିତ ହୋଇଥିବା ସ୍ଥଳେ 1989-90ରେ 450ଟି ଏଭଳି ଅନୁଷ୍ଠାନ ଖୋଲାଯିବାର ପ୍ରସ୍ତାବ ଅଛି ।

19·2. ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ, ବିଶେଷକରି ସାହାଯ୍ୟ ପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କର ଚାକିରି ସର୍ତ୍ତାବଳୀର ପ୍ରଭୂତ ଉନ୍ନତି ବିଧାନ କରାଯାଇଛି । ସେମାନଙ୍କର ପେନ୍‌ସନ୍ ପରିମାଣ ଦରମାର ଶତକଡ଼ା 30

ଉପରୁ 50 ଭାଗକୁ ବୃଦ୍ଧି କରାଯାଇଛି । ସରକାରୀ କର୍ମଚାରୀଙ୍କ ସଙ୍ଗେ ସମାନ ଭଳି ସେମାନଙ୍କର ବାର୍ଷିକ ବେତନ ବୃଦ୍ଧିରେ ଷାଣ୍ଟୁଦ୍ ଦୂର କରାଯାଇଛି । ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟମାନଙ୍କରେ 31-12-1984 ତାରିଖ ପୂର୍ବରୁ ଯୋଗ ଦେଇଥିବା ଶିକ୍ଷକମାନଙ୍କର ଚାକିରିକୁ ନିୟମିତ କରି ଦିଆଯାଇଛି । ବିଭିନ୍ନ ଯୋଜନାରେ ସାଧାରଣ ଶିକ୍ଷା ପାଇଁ 1988-89ରେ 99କୋଟି 16ଲକ୍ଷ ଟଙ୍କାର ବ୍ୟୟ ବରାଦ ଥିବା ସ୍ଥଳେ 1989-90ରେ ଏଥିପାଇଁ 126 କୋଟି 48ଲକ୍ଷ ଟଙ୍କା ରଖାଯାଇଛି ।

19·3. ଗ୍ରାମ୍ୟ ସ୍ତରରୁ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କରି ତା'ର ଉପଯୁକ୍ତ ବିକାଶ ନିମିତ୍ତ ବ୍ୟାପକ ତାଲିମ ବ୍ୟବସ୍ଥା କରିବା ଏବଂ କ୍ରୀଡ଼ାବିତ୍‌ମାନଙ୍କର କଲ୍ୟାଣ ସାଧନ, କ୍ରୀଡ଼ା ଭିତ୍ତିଭୂମିର ସଂପ୍ରସାରଣ ପ୍ରଭୃତି କାର୍ଯ୍ୟକ୍ରମ ଗୁଡ଼ିକ ନୀତିଗତ ଭାବରେ ସରକାର ଗ୍ରହଣ କରିଛନ୍ତି । 359ଟି ଗ୍ରାମ୍ୟ କ୍ରୀଡ଼ା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ଓ ଜିଲ୍ଲା ସଦର ମହକୁମା ଓ ଅଭିବୃଦ୍ଧି କେନ୍ଦ୍ରମାନଙ୍କରେ 22ଟି ଷ୍ଟାଡ଼ିୟମ ନିର୍ମାଣ କାର୍ଯ୍ୟ ଚାଲିଛି । କ୍ରୀଡ଼ା ଛାତ୍ରାବାସ, କ୍ରୀଡ଼ାଙ୍ଗନ ଓ ତାଲିମ ସୁବିଧାର ବିସ୍ତାର କରାଯାଉଛି । ଗାଁ ଗହଳରେ ଯୁବକଯୁବତୀମାନଙ୍କୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାପାଇଁ ଉତ୍ସାହିତ କରାଯାଉଛି । ଦୁଃସାହସିକ ସାଇକେଲ ଚାଳନା, ପର୍ବତାରୋହଣ ଓ ଛୋଟ ଶିଶୁମାନଙ୍କ ପାଇଁ କ୍ରୀଡ଼ା ଉତ୍ସବ ମାଧ୍ୟମରେ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଉଛି ।

ପର୍ଯ୍ୟଟନ ଓ ସଂସ୍କୃତି

**20.** ରାଜ୍ୟରେ ପର୍ଯ୍ୟଟନର ବିକାଶ ତଥା ପ୍ରସାରପାଇଁ ସବୁ ପ୍ରକାର ସହାୟତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ପ୍ରଚଳିତ ରହଣି ସୁବିଧା ଏବଂ ପରିବହନ ବ୍ୟବସ୍ଥାର ଆଧୁନିକୀକରଣ ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ବହୁବିଧ ପ୍ରକଳ୍ପ ହାତକୁ ନେଇଛନ୍ତି । ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଆଞ୍ଚଳିକ କଳା କେନ୍ଦ୍ର ପ୍ରତିଷ୍ଠିତ ହେବା ଫଳରେ ଓଡ଼ିଶାର ନୃତ୍ୟ, ସଙ୍ଗୀତ ଏବଂ କଳାର ବିକାଶ ଦିଗରେ ନୂତନ ଦିଗନ୍ତ ସୃଷ୍ଟି ହୋଇଛି । ପ୍ରାଚୀନ କୀର୍ତ୍ତିଗୁଡ଼ିକର ସଂରକ୍ଷଣ ପାଇଁ ଅର୍ଥ ଯୋଗାଇ ଦିଆଯାଇଛି । ଜାତୀୟ

ଗୁରୁତ୍ୱପୂର୍ଣ୍ଣ ଦଲିଲ ସମୂହର ମାଇକ୍ରୋ-ଫିଲ୍ମ ପାଇଁ ବ୍ୟବସ୍ଥା କରଯାଉଛି । ଓଡ଼ିଆ ଶବ୍ଦତତ୍ତ୍ୱ ଅଭିଧାନର ସଙ୍କଳନ କାର୍ଯ୍ୟ ଆଗେଇ ଚାଲିଛି ।

**21.** ଭାଷଣ ଶେଷ କରିବା ପୂର୍ବରୁ ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହେଁ ଯେ, ବଜେଟ ନିରୂପିତ ଖର୍ଚ୍ଚ ତୁଲାଇବା ନିମନ୍ତେ ଅର୍ଥ ସଂଗ୍ରହପାଇଁ କୌଣସି ନୂଆ ଟିକସ ବସାଇବାର ପ୍ରସ୍ତାବ ନାହିଁ । ଏକ ସୁଦୃଢ଼ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମ ସରକାରଙ୍କର ଯେଉଁ ନିରବଚ୍ଛିନ୍ନ ଉଦ୍ୟମ ଅବ୍ୟାହତ ରହିଛି ତାହା ହିଁ ଆସନ୍ତା ବର୍ଷର ବଜେଟ୍‌ରେ ପ୍ରତିଫଳିତ ହୋଇଛି ।

ମହାଶୟ, ଏତିକି କହି ମୁଁ ଏହି ମହାନ ଗୃହରେ ବିଚାର ଆଲୋଚନା ପାଇଁ ୧୯୮୯-୨୦ର ବଜେଟ୍ ଅଟକଳ ଉପସ୍ଥାପନ କରୁଅଛି ।

"ଜୟହିନ୍ଦ୍"

# ପରିଶିଷ୍ଟ-I

## (1989-90 ବଜେଟ୍)

(କୋଟି ଟଙ୍କା ହିସାବରେ)

| | | ଆୟ | ବ୍ୟୟ |
|---|---|---|---|
| I. ସଂଗଠିତ ପାଣ୍ଠି | | | |
| (କ) ରାଜସ୍ୱ ହିସାବ | | | |
| (1) ଅଣଯୋଜନା | .. | 1051.29 | 1371.46 |
| (2) ରାଜ୍ୟ ଯୋଜନା | .. | 486.26 | 364.18 |
| (3) କେନ୍ଦ୍ରୀୟ ଯୋଜନା | .. | 194.68 | 180.21 |
| (4) କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | .. | 92.08 | 87.41 |
| ମୋଟ—ରାଜସ୍ୱ ହିସାବ | .. | 1824.31 | 2003.26 |
| (ଖ) ପୁଞ୍ଜି ହିସାବ | | | |
| (1) ଅଣଯୋଜନା | .. | 1013.67 | 839.19 |
| (2) ରାଜ୍ୟ ଯୋଜନା | .. | 293.06 | 469.38 |
| (3) କେନ୍ଦ୍ରୀୟ ଯୋଜନା | .. | 2.81 | 19.54 |
| (4) କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | .. | 2.55 | 7.35 |
| ମୋଟ—ପୁଞ୍ଜି ହିସାବ | .. | 1312.09 | 1335.46 |
| ମୋଟ—ସଂଗଠିତ ପାଣ୍ଠି | .. | 3136.40 | 3338.72 |
| II. ଆକସ୍ମିକ ପାଣ୍ଠି | .. | 20.00 | 20.00 |
| III. ସରକାରୀ ହିସାବ | .. | 1675.93 | 1473.61 |
| ମୋଟ—ରାଜ୍ୟ ବଜେଟ୍ | .. | 4832.33 | 4832.33 |

ଓଡ଼ିଶା ସରକାରୀ ଶାଖା ମୁଦ୍ରଣାଳୟ, ଭୁବନେଶ୍ୱର